# ସାରଳାଭବନରେ 'ନବଗୁଞ୍ଜନ' ସନ୍ଧ୍ୟା..

# 'ନମଃ ଶିବାୟ' ଥିଲା ଚମତ୍କାର



କଟକ,୧୦।୬(ମ.ପ୍ର) ତାହାଥିଲା ମହାଦେବଙ୍କ ଉପାସନା ପ୍ରେକ୍ଷାଗୃହରେ ଗୁଞ୍ଜରିତ ହେଉଥିଲା "ଶିବ ପଞ୍ଚାକ୍ଷର ସ୍ତୋତ୍ରମ୍" ଏବଂ ଆଠ ଜଣ ଶିଳ୍ପୀଙ୍କ ନୂପୁରନିକ୍ୱଣରେ ମଞ୍ଚ ହୋଇଥିଲା ମୁଖରିତ । ଦର୍ଶକ ବିଭୋର ହୋଇଥିଲେ; ଯେବେ ଓଡିଶୀ ନୃତ୍ୟଗୁରୁ ମୀରା ଦାସଙ୍କ ପରିଚାଳନାରେ ନୃତ୍ୟାଙ୍ଗନାମାନେ ପରିବେଷଣ କରିଥିଲେ ଏହି ୧୬ ମିନିଟ୍‌ର ନୃତ୍ୟାଭିନୟ 'ନମଃ ଶିବାୟ' । ଓଡ଼ିଶୀ ନୃତ୍ୟ ପ୍ରତିଷ୍ଠାନ 'ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ' ଦ୍ୱାରା ଆୟୋଜିତ ବିଶେଷ ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ 'ନବଗୁଞ୍ଜନ' ସନ୍ଧ୍ୟାରେ ହୋଇଥିଲା ଏହି ପ୍ରଦର୍ଶନ । ରବିବାର ସନ୍ଧ୍ୟାରେ ବିଜୁପଟ୍ଟନାୟକଛକ ସ୍ଥିତ 'ସାରଳାଭବନ'ରେ ଏହା ଅନୁଷ୍ଠିତ ହୋଇଥିଲା ଏବଂ ବିଧାୟକ ଦେବାଶିଷ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ମୀରା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସକାଳେ ବରିଷ୍ଠ ଓ କନିଷ୍ଠ ପର୍ଯ୍ୟାୟରେ ସର୍ବଭାରତୀୟ ସ୍ତରୀୟ ଓଡିଶୀ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା ଏବଂ ସନ୍ଧ୍ୟାର ଉତ୍ସବରେ କୃତୀ ପ୍ରତିଯୋଗୀମାନେ ପୁରସ୍କୃତ ହୋଇଥିଲେ । ନଗଦ ଅର୍ଥରାଶି ସହ ବିଜୟୀ ଶିଳ୍ପୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ଅଧ୍ୟକ୍ଷା ଡଃ ଗାୟତ୍ରୀ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଓଡ଼ିଶୀ ନୃତ୍ୟଗୁରୁ ରତିକାନ୍ତ ମହାପାତ୍ର, ଇଂ.ପ୍ରଭାକର ସ୍ୱାଇଁ ଓ ପ୍ରସିଦ୍ଧ କଣ୍ଠଶିଳ୍ପୀ ମିତାଲି ଚିନ୍ନାରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁନ୍‌ମୁନ୍ ସିଂ, ସ୍ୱୀକୃତି ଦାସ, ଆକାଂକ୍ଷା ମହାନ୍ତି, ସ୍ୱର୍ଣ୍ଣମୟୀ ବେହେରା, ଅନନ୍ୟା ମିଶ୍ର ଓ ସ୍ୱପ୍ନା ଦତ୍ତଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ପ୍ରଦର୍ଶିତ ପ୍ରାରମ୍ଭିକ ନୃତ୍ୟ 'ଗୁରୁବ୍ରହ୍ମା'ରେ ଦର୍ଶକ ହୋଇଥିଲେ ମୁଗ୍ଧ । ଏଥିରେ ଗୁଞ୍ଜନ୍‌ର ୩୫ଜଣ ଶିଶୁଶିଳ୍ପୀ ନାଚିଥିଲେ । ପୁଣି ନୃତ୍ୟାଭିନୟ 'ଧାମି ନିତ୍ୟମ୍' ଦର୍ଶକାଦୃତ ହୋଇପାରିଥିଲା । ତେବେ ଏହି ସନ୍ଧ୍ୟାର ପ୍ରମୁଖ ଆକର୍ଷଣ ଥିଲା ବାଦ୍ୟବିଚିତ୍ରା 'ସିମ୍ଫୋନି'; ସଙ୍ଗୀତ ସାଙ୍ଗକୁ ମର୍ଦ୍ଦଳ, ଭାଓଲିନ୍ ଓ ତବଲାର ମିଶ୍ର ପ୍ରଦର୍ଶନ ଦର୍ଶକଙ୍କୁ ଅଭିଭୂତ କରିଥିଲା ସକାଳେ ହୋଇଥିବା ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ପ୍ରଥମ ହୋଇଥିବା ରୋଜି ସ୍ୱାଇଁ(ଭୁବନେଶ୍ୱର) 'ମହାକାଳୀ' ଏବଂ କନିଷ୍ଠ ବିଭାଗରେ ପ୍ରଥମ ହୋଇଥିବା ଏ.ଅପ୍ସରା(କଟକ) 'କୃଷ୍ଣ ବାଲ୍ୟଲୀଳା' ନୃତ୍ୟାଭିନୟ ପ୍ରଦର୍ଶନ କରିଥିଲେ ।